# Akashvani, Sambalpur

## SAMBALPURI NEWS EVENING BULLETIN

## 15 May 2025- 7.02 pm- 7.12 pm.

*********************************************

୧- ପାକିସ୍ତାନ୍ ତର୍ଫୁ ସୀମାପାର୍ ଆତଙ୍କବାଦ୍ ବନ୍ଦ୍ ନାଇଁ ହେବାର୍‌ତକ୍ ସିନ୍ଧୁ ଜଳଚୁକ୍ତି ସ୍ଥଗିତ୍ ବଳବତର ରହେବା - କହେଲେ ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ।

୨- ସର୍‌କାର୍ ଆଉ ଲୁକ୍‌କର୍ ଭିତ୍‌ରେ ଥିବା ସେତୁକେ ବ୍ୟାପକ ଆଉ ବର୍‌କସ୍ କର୍‌ବାର୍ ଲାଗି ପ୍ରଶାସନିକ୍ ଅଧିକାରୀମାନ୍‌କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟର୍ ସର୍‌କାରୀ ବିଦ୍ୟାଳୟମାନ୍‌କର୍ ଶିକ୍ଷକ୍ ବଦ୍‌ଲି ଲାଗି ମୁଲ୍ ହେଲା ଆବେଦନ୍ ପ୍ରକ୍ରିୟା ।

ଆଉର୍

୪- ଆଏଜ୍ ଉଦ୍‌ଯାପିତ୍ ହେଉଛେ ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା-୨୦୨୫ ପ୍ରତିଯୋଗିତା ।

ଏସ୍. ଜୟଶଙ୍କର୍- ସିନ୍ଧୁଜଳଚୁକ୍ତି ଏନ୍ଏସ୍ଡି

ପାକିସ୍ତାନ୍ ତରଫୁ ସୀମାପାର୍ ଆତଙ୍କବାଦ ପୁରାପୁରି ବନ୍ଦ୍ ନାଇଁ କରାଯିବାର୍ତକ୍ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରଖିବାର୍ଟା ବଳବତର୍ ରହେବା ବଲି ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ଏସ୍. ଜୟଶଙ୍କର୍ କହିଛନ୍ । ନୂଆଦିଲ୍ଲୀ ଠାନେ ଗୁଟେ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ଡକ୍ଟର୍ ଜୟଶଙ୍କର୍ କହିଛନ୍, ଭାରତ୍ ଆଉ ପାକିସ୍ତାନ୍ ଭିତ୍ରେ ସବୁ କଥାବାର୍ତା ଖାଲି ଦ୍ୱିପାକ୍ଷିକ୍ ହେବା, ୩ ନମ୍ବର୍ ପକ୍ଷର୍ ମଧ୍ୟସ୍ଥତା ନାଇଁ ରହେ । ପାକିସ୍ତାନ୍ ଅଧିକୃତ କାଶ୍ମୀର୍ ନ ପାକିସ୍ତାନ୍ ବେଆଇନ୍ ଭାବେ କବ୍ଜା କରି ରଖିଥିବା ଭାରତ୍ର ଭୂଖଣ୍ଡକେ ଖାଲି କର୍ବାର୍ ଆଉ ତାର୍ ପାଖେ ଥିବା ଆତଙ୍କ୍ବାଦୀମାନ୍କୁ ଭାରତ୍କେ ହସ୍ତାନ୍ତର୍ କର୍ବାର୍ ବିଷେଥି ଖାଲି ପାକିସ୍ତାନ୍ ସାଙ୍ଗେ ଆଲୋଚନା କରାଯିବା । ଇ ବାବ୍ଦେ ଭାରତ୍ ପୁରା ସ୍ପଷ୍ଟ କରିସାରିଛେ ବଲି ଡକ୍ଟର୍ ଜୟଶଙ୍କର୍ କହିଛନ୍ ।

ମୁଖ୍ୟମନ୍ତ୍ରୀ- ପ୍ରଶାସନିକ୍ ଅଧିକାରୀ I&PR

ଜନପ୍ରତିନିଧିମାନଙ୍କର୍ ସଙ୍ଗେ ଭଲ୍ ସମ୍ପର୍କ ରଖିକରି ନିରପେକ୍ଷ ଭାବେ ଦାୟିତ୍ୱ ତୁଲାବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶାସନିକ୍ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ । ଭୁବନେଶ୍ୱରଠାନେ ହେଇଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ଆଉ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କର ଦୁଇଦିନିଆ ସମ୍ମିଳନୀକେ ଉଦ୍‌ଘାଟନ୍ କରି କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ସରକାରଙ୍କର୍ ଭିନ୍ ଭିନ୍ ଜନକଲ୍ୟାଣକାରୀ ଯୋଜ୍‌ନାକେ ଲୋକାଭିମୁଖୀ କର୍‌ବାରେ ପ୍ରଶାସନିକ୍ ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । କେନ୍‌ସି ଚାପ୍‌ଥି ନାଇ ରହିକରି ଭଲ୍ କାମ୍ କରୁନ୍ ବଲି ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ରାଜ୍ୟପାଲ୍- କଟକ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଆଏଜ୍ ସଖାଲ୍‌ବେଲା କଟକ ନେତାଜୀ ସ୍ମାରକୀ ପ୍ରବେଶପଥ୍‌ଠାନେ ପରାକ୍ରମ ଶୋଭାଯାତ୍ରା ଆଉ ତ୍ରିରଙ୍ଗା ରାଲିକେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ଅଗ୍ରଗତିର୍ ସମୀକ୍ଷା କରିଛନ୍ ।

ଇତାର୍ ସହେତେ କେନ୍ଦ୍ର ଆଉ ରାଜ୍ୟ ସରକାରଙ୍କର୍ ଭିନ୍ ଭିନ୍ ଜନ୍‌କଲ୍ୟାଣକାରୀ ଯୋଜ୍‌ନାମାନଙ୍କର୍ କାର୍ଯ୍ୟକାରିତା ବାବ୍‌ଦେ ବିଭାଗୀୟ ଅଧିକାରୀମାନଙ୍କର୍ ସଙ୍ଗେ ଆଲୋଚନା କରିଛନ୍ । ସେନ୍ତା ରାଜ୍ୟପାଲ୍ ମୁଦ୍ରା ଯୋଜ୍‌ନାର୍ ହିତାଧିକାରୀମାନଙ୍କର୍ ସଙ୍ଗେ ଆଲୋଚନା କର୍‌ବାର୍ ସହେତେ ପ୍ରଧାନମନ୍ତ୍ରୀ ଆବାସ୍ ଯୋଜ୍‌ନାର ସହର ଆଉ ଗାଁ ଇଲାକାର୍ ଉପକୃତ୍ ହିତାଧିକାରୀମାନଙ୍କୁ ଭେଟିଛନ୍ ।

ଇସ୍ପାତ୍ ସଂଘ ପ୍ରତିନିଧି-ମୁଖ୍ୟମନ୍ତ୍ରୀ I&PR

ଭାରତୀୟ ଇସ୍ପାତ୍ ସଂଘର୍ ଗୁଟେ ପ୍ରତିନିଧି ଦଲ୍ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିକରି ରାଏଜେ ଅଏତ୍‌କା ଇସ୍ପାତ୍ ଉତ୍ପାଦନ୍ ଆଉ ଇଥିର୍‌ଲାଗି ଦର୍‌କାର୍ ସୁବିଧା ସୁଯୋଗ୍ ବଢ଼ାବାର୍ ବାବ୍‌ଦେ ଆଲୋଚନା କରିଛନ୍ । ପ୍ରତିନିଧି ଦଲ୍ ସାଙ୍ଗେ ଆଲୋଚନା କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ୨୦୩୬ ତକ୍ ସମୃଦ୍ଧ ଓଡ଼ିଶା ଗଠନ୍ ଆଉ ୨୦୪୭ ତକ୍ ବିକଶିତ୍ ଭାରତ୍‌ର ଗ୍ରୋଥ୍ ଇଞ୍ଜିନ୍

ହେବାର୍‌କେ ଓଡ଼ିଶା ଲକ୍ଷ୍ୟ ରଖିଛେ । ଇଥି ଖଣି ଆଉ ଷ୍ଟିଲ୍ କ୍ଷେତ୍ରର୍ ବଡ଼ ଭୂମିକା ରହେବା । ଇଥିର୍‌ଲାଗି ଓଡ଼ିଶାନୁ କମ୍ପାନୀ ଥାପ୍‌ନା କରୁଥିବା ସଂସ୍ଥାମାନ୍‌କୁ ସବୁ ସୁବିଧା ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ନଗର୍ ଉନ୍ନୟନ୍ ସଚିବ - ସମୀକ୍ଷା I&PR

ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଉଷା ପାଢ଼ୀ ଆଏଜ୍ ନିଜର୍ ଆଉ ବାଣିଜ୍ୟ ପରିବହନ ବିଭାଗ୍‌ର କାମ୍‌ମାନ୍‌କର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ସମିଆ ଅନ୍‌ସାରେ ପେନ୍‌ସନ୍ ଦେବାର୍, ସହରୀ ଇଲାକାର୍ ଭିତିଭୂମି ତିଆର୍, ନିର୍ମାଣ୍ କାମ୍‌ର ସ୍ଥାୟୀତ୍ୱ ଆଉ ଦେଖିରେଖି ଠିକ୍ ଭାବେ କର୍‌ବାର୍, ପରିବହନ୍ ସେବା ଉପ୍‌ରେ ଜୋର୍ ଦେବାର୍ ବାବ୍‌ଦେ ବୈଠକ୍‌ଥି ଅଧିକାରୀମାନ୍‌କୁ - ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ପ୍ରଶାସନିକ୍ ଦକ୍ଷତା ବଢ଼ାବାର୍ ଲାଗି ପ୍ରଯୁକ୍ତିବିଦ୍ୟା ଆଉ ସମନ୍ୱିତ ତଥ୍ୟ ପ୍ରଣାଲୀର୍ ଭୂମିକା ଉପ୍‌ରେ ସେ ଜୋର୍ ଦେଇଛନ୍ । ବିକଶିତ୍ ଓଡ଼ିଶା ଗଠନ୍ ଲାଗି ନିଜର୍

ନିଜର୍ ଭିତ୍‌ରେ ସମନ୍ୱୟ ରଖିକରି କାମ୍ କର୍‌ବାର୍‌କେ ଶ୍ରୀମତୀ ପାଢ଼ୀ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ବିକଶିତ ଓଡ଼ିଶା ଭିଜନ୍ ଡକୁମେଂଟ        ଜୟପୁର୍ ସମ୍ବାଦଦାତା

ବିକଶିତ ଓଡ଼ିଶା ୨୦୩୬ ଆଉ ବିକଶିତ ଭାରତ୍ ୨୦୪୭ ଭିଜନ୍ ଡକୁମେଂଟ୍ ତିଆର୍ ବାବଦ୍ ଗୁଟେ କର୍ମଶାଳା ଆଏଜ୍ କୋରାପୁଟ୍ ଠାନେ ହେଇଯାଇଛେ । ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ କର୍ମଶାଳାଥି ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖଣିମନ୍ତ୍ରୀ ବିଭୂତି ଜେନା, ମତ୍ସ୍ୟ ଆଉ ପଶୁସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍‌ଙ୍କର୍ ସହେତେ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁ, ଦକ୍ଷିଣାଂଚଳ ରାଜସ୍ୱ କମିଶନର୍ ରୂପାରୋଶନ୍ ସାହୁ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମନ୍ତ୍ରୀ ଆଉ ଅଧିକାରୀମାନେ ରାଜସ୍ୱ ଅଂଚଲ୍‌ର ୮ ଟା ଜିଲ୍ଲାର୍ ପ୍ରତିନିଧିମାନ୍‌କର୍ ଠାନୁ ବିକଶିତ ଓଡ଼ିଶା ଭିଜନ୍ ଡକୁମେଂଟ୍ ବାବ୍‌ଦେ ଆଲୋଚନା କରିଛନ୍ ।

ଶିକ୍ଷକ୍ ବଦ୍‌ଲି ପ୍ରକ୍ରିୟା ମୁଲ୍        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସର୍କାରୀ ପ୍ରାଥମିକ ଆଉ ମାଧମିକ ବିଦ୍ୟାଳୟର୍ ଶିକ୍ଷକ୍ ଆଉ ପ୍ରଧାନ୍ ଶିକ୍ଷକ୍‌ମାନ୍‌କର୍ ବଦ୍‌ଲି ଲାଗି ପ୍ରକ୍ରିୟା ଆଏଜ୍‌ଠାନୁ ମୁଲ୍ ହେଇଛେ । ଜୁନ୍ ୧୩ ତାରିଖ୍‌ତକ୍ ବଦ୍‌ଲି ପ୍ରକ୍ରିୟା ସାର୍‌ବାର୍‌କେ ମାଧମିକ ଆଉ ପ୍ରାଥମିକ୍ ଶିକ୍ଷା ନିର୍ଦ୍ଦେଶାଳୟକେ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଗଲାକାଏଲ୍ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ବଦ୍‌ଲି ଲାଗି ଶିକ୍ଷକ୍‌ମାନେ ଆଏବା ୩୦ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ । ଆବେଦନ୍ ଉତ୍‌ରୁ ୩୧ ତାରିଖ୍‌ତକ୍ ଜିଲ୍ଲା ଶିକ୍ଷାଧିକାରୀମାନେ ସେସବୁର୍ ଯାଂଚ୍ କର୍‌ବେ ୧୧ ତାରିଖ୍ ଯୋଗ୍ୟ ପ୍ରାର୍ଥୀମାନ୍‌କର୍ ଡ୍ରାଫ୍ଟ ତାଲିକା ତିଆର୍ କରାଯିବା । ୧୩ ତାରିଖ୍ ରାଜ୍ୟସ୍ତରୀୟ ବଦ୍‌ଲି କମିଟି ତର୍‌ଫୁ ଆନ୍ତଃଜିଲ୍ଲା ବଦ୍‌ଲି ଲାଗି ଯୋଗ୍ୟ ତାଲିକା ଯାଂଚ୍ କରାଯିବା । ଜିଲ୍ଲାସ୍ତର୍‌ଥି ଯାଂଚ୍ ହେଲା ଉତ୍‌ରୁ ସେହିଦିନ ବଦ୍‌ଲି ନିର୍ଦ୍ଦେଶ୍ ଜାରି କରାଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ୟୁପିଏସ୍‌ସି ଅଧକ୍ଷ ଏନ୍‌ଏସ୍‌ଡି

ଆଘର ପ୍ରତିରକ୍ଷା ସଚିବ ଡକ୍ଟର ଅଜୟ କୁମାର ଆଏଜ୍ କେନ୍ଦ୍ରୀୟ ଲୋକସେବା ଆୟୋଗ୍- ୟୁପିଏସ୍‌ସିର ନୂଆ ଅଧକ୍ଷ ଭାବେ ଶପଥ୍ ନେଇଛନ୍ । ଆୟୋଗ୍‌ର ସବୁନୁ ବରିଷ୍ଠ ସଦସ୍ୟ ଆଉ ଆଘର୍ ଲ୍ୟୁଟ୍‌ନାଂଟ ଜେନେରାଲ୍ ରାଜ ଶୁକ୍ଲା ତାଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରେଇଛନ୍ ।

ଷ୍ଟକ୍ ଏକ୍ସଚେଞ୍ଜ- ଏମ୍‌ଓୟୁ I&PR

ଛାତ୍ରଛାତ୍ରୀମାନ୍‌କୁ ଆର୍ଥିକ୍ ସାକ୍ଷର୍ କରିକରି ଅର୍ଥନୈତିକ ଦକ୍ଷତା ଆଉ ପୁଞ୍ଜିନିବେଶ୍ ଦିଗେ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ଶିକ୍ଷା ବିଭାଗ୍ ଆଉ ନେସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ ଭିତ୍‌ରେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ଆର୍ଥିକ୍ କ୍ଷେତ୍ରଥି ଆଗ୍‌କେ ବଢ଼୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ଇ ପଦକ୍ଷେପ୍ ଛାତ୍ରଛାତ୍ରୀମାନ୍‌କୁ ସବୁ ଦିଗୁ ଦକ୍ଷ ବନାବା ବଲି ଆଶା କରାଯାଉଛେ ।

ପରାକ୍ରମ୍ ଦିବସ୍ ବାଇକ୍ ରାଲି

ସମ୍ବଲପୁର/ ଝାର୍‌ସୁଗୁଡ଼ା/ ସୁବର୍ଣ୍ଣପୁର/ ନୂଆପଡ଼ା/ ବୌଦ୍ଧ/ ବରଗଡ଼୍/ କଲାହାଣ୍ଡି/ ଦେବ୍‌ଗଡ଼୍

ଅପରେସନ୍ ସିନ୍ଦୂର୍‌ର ସଫଲ୍‌ତା ଆଉ ଭାରତୀୟ ସେନାବାହିନୀର୍ ପରାକ୍ରମ୍‌କେ ସମ୍ମାନ୍ ଜନାବାର୍ ଲାଗି ଆଏଜ୍ ରାଏଜର୍ ଭିନ୍ ଭିନ୍ ଜାଗାନ ପରାକ୍ରମ୍ ଦିବସ୍ ବାଇକ୍ ରାଲି ଆଉ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ୍ କରାଯାଇଛେ ।

ସମ୍ବଲ୍‌ପୁର୍ ସହରର୍ ନେଲ୍‌ସନ୍ ମଣ୍ଡେଲା ଛକ୍‌ନୁ ସଖାଲର୍ ୮ ବଜେ ତ୍ରିରଙ୍ଗା ଶୋଭାଯାତ୍ରା ବାଇକ୍ ରେଲି ବାହାରିକରି ସମ୍‌ଲେଇମନ୍ଦିର୍‌ତକ୍ ଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଉତରାଂଚଲ୍ ରାଜସ୍ୱ କମିଶନର୍ ସଚିନ୍ ରାମଚନ୍ଦ୍ର ଯାଦବ୍, ଉତରାଂଚଲ୍ ଆରକ୍ଷୀ ମହାନିରୀକ୍ଷକ ହିମାଂଶୁ ଲାଲ୍, ଆରକ୍ଷୀ ଅଧିକ୍ଷକ୍, ମହାନଗର୍ ନିଗମ୍ କମିଶନର୍‌ଙ୍କର୍ ସହେତେ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଶୋଭାଯାତ୍ରା ହଜାର୍ ହଜାର୍ ସଂଖ୍ୟାଥି ଛାତ୍ରଛାତ୍ରୀ ଆଉ ଜନସାଧାରଣ୍ ସାମିଲ୍ ହେଇଥିଲେ ।

ସୁବର୍ଣ୍ଣପୁର୍ ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବା ପରାକ୍ରମ୍ ଶୋଭାଯାତ୍ରାଥି ସମାଜ୍‌ର ସବୁ ବର୍ଗର୍ ଲୁକ୍‌କର୍ ସାଙ୍ଗେ ପ୍ରଶାସନିକ୍ ଅଧିକାରୀ, ପୁଲିସ୍ ଅଧିକାରୀ, ଏନ୍‌ସିସି କେଡ୍ରେଡ୍ ସାମିଲ୍ ହେଇଥିଲେ । ଶୋଭାଯାତ୍ରା ସହରର୍ ରୋୟାଲ୍ ପଡ଼ିଆନୁ ବାହାରିକରି ନଗର୍ ପରିକ୍ରମା କରିଥିଲା । ଜିଲ୍ଲାପାଲ୍ ଅନ୍ୟା ଦାସ ଆଉ ଆରକ୍ଷୀ ଅଧିକ୍ଷକ୍ ନାରାୟଣ୍ ନାଏକ୍ ଧୋବ୍ ପତାକା ଦେଖେଇକରି ଶୋଭାଯାତ୍ରାର୍ ଶୁଭାରମ୍ଭ କରିଥିଲେ ।

ବର୍‌ଗଡ୍ ଠାନେ ପ୍ରଶାସନ୍ ତର୍‌ଫୁ ହେଇଥିବା ପରାକ୍ରମ୍ ଶୋଭାଯାତ୍ରାଥି ଆଘର୍ ସୈନିକ୍, ଯୁବକ, ଛାତ୍ର, ବରିଷ୍ଠ ନାଗରିକ୍‌ମାନେ ଯୋଗ୍ ଦେଇଥିଲେ । ଶୋଭାଯାତ୍ରା ଲେଙ୍ଗୁ ମିଶ୍ର

ମିନିଷ୍ଟାଡ଼ିୟମ୍ ନୁ ବାହାରିକରି ସହର୍ ପରିକ୍ରମା କରିଥିଲା । ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଶୋଭାଯାତ୍ରାକେ ଶୁଭାରମ୍ଭ କରିଥିଲେ ।

ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ୍ ତରଫୁ ଭିଲ୍ ପରାକ୍ରମ୍ ଶୋଭାଯାତ୍ରା ଆୟୋଜନ୍ ହେଇଯାଇଛେ । ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟଠାନୁ ବାଇକ୍ ଶୋଭାଯାତ୍ରା ବାହାରିକରି ସହର୍ ପରିକ୍ରମା କରିକରି ସର୍‌ବାହାଲ୍ ବିଦ୍ୟାଳୟକେ ପୁହୁଁଚିଥିଲା । କାର୍ଯ୍ୟକ୍ରମ୍‌ଥି ଝାରସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ, ଜିଲ୍ଲାପାଲ୍ ଅବୋଲି ସୁନୀଲ୍ ନର୍‌ୱଣେ, ଆରକ୍ଷୀ ଅଧିକ୍ଷକ ସ୍ମିଥ୍ ପର୍‌ମାର୍‌ଙ୍କର୍ ସାଙ୍ଗେ ବହୁତ୍ ଅଧିକାରୀ ଆଉ ସାଧାରଣ୍ ଜନତା ସାମିଲ୍ ଥିଲେ ।

ନୂଆପଡ଼ା ଜିଲ୍ଲା ସଦର୍ ଆଉ ସବୁ ବ୍ଲକ୍ ମୁଖ୍ୟାଳୟ ନ ତିରଙ୍ଗା ଶୋଭାଯାତ୍ରା ବାଇକ୍ ରେଲି ହେଇଯାଇଛେ । ଇଥି ବ୍ଲକ୍ ଅଧ୍ୟକ୍ଷ ପୁଷ୍ପାଞ୍ଜଳି ନନ୍ଦ, ନିର୍ବାହୀ ଅଧିକାରୀ ସ୍ୱାଧୀନ୍ କେତନ୍ ମହାରଣାଙ୍କର୍ ସହେତେ ବହୁତ୍‌ଟେ ବିଭାଗ୍‌ର ଅଧିକାରୀ, ଜନପ୍ରତିନିଧି ଆଉ ଜନସାଧାରଣ୍ ଯୋଗ୍ ଦେଇଥିଲେ ।

ବୌଦ୍ଧ ଠାନେ ଜିଲ୍ଲା ପ୍ରଶାସନ୍ ତରଫୁ ହେଇଥିବା ପରାକ୍ରମ୍ ଶୋଭାଯାତ୍ରା ବାଇକ୍‌ରେଲିକେ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ଜିଲ୍ଲାପାଲ୍ କାର୍ଯ୍ୟାଳୟ ତକ୍ ବାହାରିକରି ଜିଲ୍ଲା ସଂଗ୍ରହାଳୟତକ୍ ଯାଇଥିଲା । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ନେତୃତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ବହୁତ୍ ଅଧିକାରୀ ଜନସାଧାରଣ୍ ଆର୍ ସ୍ୱେଚ୍ଛାସେବୀ ସଂଗଠନ୍ ଯୋଗ୍ ଦେଇଥିଲେ ।

କଳାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଠାନେ ପ୍ରଶାସନ୍ ତରଫୁ ହେଇଥିବା ପରାକ୍ରମ ଶୋଭାଯାତ୍ରାଥି ସାଂସଦ୍ ମାଳବିକା ଦେବୀ, ଜିଲ୍ଲାପାଲ୍ ସଚିନ୍ ପାୱାର୍ ପ୍ରକାଶ୍, ସି.ଆର୍.ପି.ଏଫ୍. କାମାଣ୍ଡାଂଟ୍ ପଙ୍କଜ୍ ଚୌଧୁରୀଙ୍କର୍ ସହେତେ ସି.ଆର୍.ପି.ଏଫ୍., ପ୍ରଶାସନିକ ଅଧିକାରୀ, ଏନ୍.ସି.ସି. କେଡ଼େଡ୍, ପୁଲିସ୍ ବାହିନୀ ଆଉ ସାଧାରଣ୍ ଲୁକେ ଯୋଗ୍ ଦେଇଥିଲେ । ଶୋଭାଯାତ୍ରା ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟନୁ ବାହାରି କରି ସହର୍ ପରିକ୍ରମା କରିଥିଲା ।

ଦେବ୍ଗଡ୍ ଠାନେ ଜିଲ୍ଲା ପ୍ରଶାସନ୍ ତରଫୁ ହେଇଥିବା ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରାଥି ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍, ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁ, ଆରକ୍ଷୀ ଅଧିକ୍ଷକ୍ ଅନୀଲ୍ କୁମାର୍ ମିଶ୍ରଙ୍କର୍ ସହେତେ ଜନପ୍ରତିନିଧି, ଭିନ୍ ଭିନ୍ ବିଭାଗ୍ର ଅଧିକାରୀ, ଜନସାଧାରଣ, ଛାତ୍ରଛାତ୍ରୀ ଯୋଗ୍ ଦେଇଥିଲେ । ଶୋଭାଯାତ୍ରା ପୁରୁଣା ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟନୁ ବାହାରିକରି ଜିଲ୍ଲା ପରିଷଦ୍ କାର୍ଯ୍ୟାଳୟ ନ ଠାନେ ପୁହୁଁଚିଥିଲା ।

ଆନ୍ତର୍ଜାତୀୟ ପରିବାର୍ ଦିବସ୍ ଆର୍ଏନ୍ୟୁ / ସମ୍ବଲପୁର

ପରିବାର୍‌ର ଗୁରୁତ୍ୱ ଆଉ ସୁସ୍ଥ ସମାଜ୍ ଗଠନ୍ ଦିଗେ ପରିବାର୍‌ର ଭୂମିକା ବାବ୍‌ଦେ ସମ୍‌କୁ ଜନାବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ ହେଉଛେ ଆନ୍ତର୍ଜାତୀୟ ପରିବାର୍ ଦିବସ୍ । ସମାଜ୍‌ର ସବୁ ଲୁକ୍‌କର୍ ଜୀବନ୍‌ଥି ପରିବାର୍ ବଡ଼୍‌ଟେ ଭୂମିକା ନେଇଥିସି । ଛୁଆନୁ ବୟସ୍କତକ୍ ସମ୍‌କର୍ ଭିତ୍‌ରେ ଗୁହେର୍ ସମ୍ପର୍କର୍ ପ୍ରତିଫଳନ୍ ହେଉଛେ ପରିବାର୍ । ଇ ଭାବ୍‌ନାକେ ବଂଚେଇକରି ରଖିବାର୍ ଲାଗି ମିଲିତ୍ ଜାତିସଂଘର୍ ଗୁଟେ ପ୍ରସ୍ତାବ୍ ଅନ୍‌ସାରେ ୧୯୯୪ ମସିହାନୁ ସାରା ପୁର୍‌ଥି ନ ମେ ୧୫ ତାରିଖ୍‌କେ ଅନ୍ତର୍ଜାତୀୟ ପରିବାର୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ପରିବାର୍ ଦିବସ୍ ବାର୍ତା ରଖାଯାଇଛେ 'ନିରନ୍ତର ବିକାଶ୍ ଲାଗି ପରିବାର୍‌ଭିତିକ ନୀତି' ।

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ଉଦ୍‌ଯାପିତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିହାର୍ ଠାନେ ଗଲା ୪ ତାରିଖ୍‌ନୁ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା-୨୦୨୫ ଆଏଜ୍ ଉଦ୍‌ଯାପିତ୍ ହେଉଛେ । ପାଟ୍‌ନା କଙ୍କର୍‌ବାଗ୍ ପାଟଲିପୁତ୍ର ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାନେ ବେଲ୍‌ବୁଡ଼୍‌ର୍ ୬ ବେଜନୁ ଉଦ୍‌ଯାପନୀ ସମାରୋହ ମୁଲ୍

ହୋଇଛେ । ଖେଲ୍‌ର ପଦକ୍ ତାଲିକାଥି ମହାରାଷ୍ଟ୍ର ୫୬ ସ୍ୱର୍ଣ୍ଣ ପଦକ୍ ସହେତେ ମୋଟ୍ ଶହେ ୪୯ ଟା ପଦକ୍ ପାଇକରି ପହେଲା ଠାନେ ରହିଛେ । ଓଡ଼ିଶା ୫ ଟା ସ୍ୱର୍ଣ୍ଣ, ୬ ଟା ରୌପ୍ୟ ଆଉ ୩ ଟା କାଂସ୍ୟ ପଦକ୍ ସହେତେ ମୋଟ୍ ୧୪ ଟା ପଦକ୍ ପାଇକରି ତାଲିକାଥି ୧୭ ନମ୍ବର୍ ଜାଗା ନ ରହିଛେ ।